# ଓଡ଼ିଶା ବିଧାନସଭା

## ତୃତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୮ ମାର୍ଚ୍ଚ, ୨୦୨୫

----

[ବିଦ୍ୟାଳୟ ଓ ଗଣଶିକ୍ଷା - ଉଚ୍ଚ ଶିକ୍ଷା - କ୍ରୀଡା ଓ ଯୁବକଲ୍ୟାଣ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ଶିଳ୍ପ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ବନ୍ଦ ହୋଇଥିବା ବିଦ୍ୟାଳୟ ପୁନଃ ପ୍ରଚଳନ

***631 ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ସରକାର ସମୟରେ ଅନେକ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରି ଦିଆଯାଇଥିଲା କିନ୍ତୁ ବର୍ତ୍ତମାନ ଅନେକ ସ୍କୁଲରେ ଛାତ୍ର ସଂଖ୍ୟା ବଢିଲାଣି ତେଣୁ ଉକ୍ତ ସ୍କୁଲ ଗୁଡିକୁ ପୁଣି ଖୋଲିବା ପାଇଁ କିଛି ପଦକ୍ଷେପ ନେବେ କି ?

----

### ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ ଛାତ୍ରୀମାନଙ୍କ ପାଇଁ ଛାତ୍ରୀ ନିବାସ ବ୍ୟବସ୍ଥା

***632 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ମାନଙ୍କରେ କେତେ ଛାତ୍ରୀ ଅଧ୍ୟୟନ କରୁଥିବାବେଳେ ତନ୍ମଧ୍ୟରୁ କେତେ ଜଣଙ୍କ ପାଇଁ ଛାତ୍ରୀ ନିବାସ ବ୍ୟବସ୍ଥା ଅଛି, ସମସ୍ତଙ୍କ ଆବାସିକ ଶିକ୍ଷାର ସୁଯୋଗ ପ୍ରଦାନ ପାଇଁ ଛାତ୍ରୀ ନିବାସ ସୁବ୍ୟବସ୍ଥିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ବାବଦରେ ଅର୍ଥ ପ୍ରଦାନ

*633 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷରେ କେଉଁ କେଉଁ ସଂସ୍ଥା ତରଫରୁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ବାବଦରେ ଜିଲ୍ଲାପାଳମାନଙ୍କୁ କେତେ ଅର୍ଥ ପ୍ରଦାନ କରାଯାଇଛି ଓ ସେହି ଅର୍ଥରେ କେଉଁ କେଉଁ ପ୍ରଗତିମୂଳକ କାର୍ଯ୍ୟ ସମ୍ପାଦନ କରାଯାଇଛି ?

----

## ଅନୁସୂଚିତ ଜନଜାତି ଛାତ୍ର/ ଛାତ୍ରୀ ନିବାସ ପ୍ରତିଷ୍ଠା

*634 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାର କେଉଁ ଶିକ୍ଷାନୁଷ୍ଠାନରେ ଅନୁସୂଚିତ ଜାତି ଓ ଅନୁସୁଚିତ ଜନଜାତି ଓ ପଛୁଆ ବର୍ଗ ଛାତ୍ରାବାସ, ଛାତ୍ରୀ ନିବାସ ପ୍ରତିଷ୍ଠା ହୋଇଛି ଓ ଅବଶିଷ୍ଟ କେତୋଟି ନିର୍ମାଣଧିନ ଓ ପ୍ରସ୍ତାବଧୀନ ଅଛି, ତାହାର ସମ୍ପୂର୍ଣ୍ଣ ତାଲିକା ପ୍ରକାଶ କରିବେ କି, ଚଳିତବର୍ଷ ଅଧିକ ଛାତ୍ର/ ଛାତ୍ରୀ ନିବାସ ପ୍ରତିଷ୍ଠା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## କ୍ରୀଡାର ଭିତ୍ତିଭୂମି ଉନ୍ନୟନ

*635 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ପୌରାଞ୍ଚଳ ଓ ଗ୍ରାମାଞ୍ଚଳ କ୍ରୀଡାର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## Placement Opportunities' for students

*636 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many students are receiving training each year in institutes such as CIPET, CENTRAL TOLL ROOM and IITTM in Odisha, (b) what is the status of job placements in these institutes and how many students have secured employment after completing their training in the last five years, what steps is the government taking to expand the reach of these training programms and improve placement opportunities for students in Odisha?

----

## ରାଜା ବିଶ୍ୱବସୁଙ୍କ ଜନ୍ମ ସ୍ଥାନର ପ୍ରଚାର

*637 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିନ କଣ୍ଟିଲୋ ନିକଟରେ ଥିବା ପୂରାଣ ବର୍ଣ୍ଣିତ, ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ସମ୍ପୃକ୍ତ ଶବର ରାଜା ବିଶ୍ୱାବସୁଙ୍କ ଜନ୍ମସ୍ଥାନକୁ ପ୍ରଚାର ପ୍ରସାର ପାଇଁ ଅଧିକ ଆର୍ଥିକ ଅନୁଦାନ ଓ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ପାଇଁ ପଦକ୍ଷେପ ନେବେ କି ?

----

## ଆଶ୍ରୟସ୍ଥଳୀରେ ରହୁଥିବା ଲୋକମାନେ

*638 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଜରାଶ୍ରମ, କେତୋଟି ଭିନ୍ନକ୍ଷମ ଆଶ୍ରୟସ୍ଥଳ ଓ କେତୋଟି ମାନସିକ ଅନଗ୍ରସର ଲୋକଙ୍କ ରହଣି ପାଇଁ ଗୃହ କେଉଁ କେଉଁ ଜିଲ୍ଲାରେ ଅଛି, କେଉଁମାନଙ୍କ ଦ୍ୱାରା ପରିଚାଳିତ ହେଉଛି ଓ ସରକାର ସେ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ଓ କେଉଁ କେଉଁ ଆଶ୍ରୟସ୍ଥଳୀରେ କେତେ ଲୋକ ରହୁଛନ୍ତି ଓ କି ପ୍ରକାର ସେବା ପାଉଛନ୍ତି?

----

## ରାଜ୍ୟରେ ଘରୋଇ ଇଂଲିଶ ମିଡ଼ିୟମ ସ୍କୁଲ

*639 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଘରୋଇ ଇଂଲିଶ ମିଡ଼ିଅମ ସ୍କୁଲ ଓ ଘରୋଇ ମହାବିଦ୍ୟାଳୟ ମାନଙ୍କ ସଂଖ୍ୟା କେତେ ତାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ;ଘରୋଇ ଇଂଲିଶ ମିଡ଼ିଅମ ସ୍କୁଲ ଓ ଘରୋଇ ମହାବିଦ୍ୟାଳୟ ଗୁଡ଼ିକରେ ମନଇଚ୍ଛା ଶିକ୍ଷାଦାନ ନିମନ୍ତେ ପାଉଣା ନେବା ଓ ମନ ଇଚ୍ଛା ବଢ଼େଇବା ଦ୍ୱାରା ରାଜ୍ୟରେ ଅଭିଭାବକ ମହଲରେ ଏକ ଅଶାନ୍ତି ସୃଷ୍ଟିହେବା ସମ୍ପର୍କରେ ଅବଗତ ଅଛନ୍ତି କି; ଏହା ଉପରେ ସରକାର ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କ ଉପରେ ସରକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା ନିମନ୍ତେ କି କି ବ୍ୟବସ୍ଥା କରିଛନ୍ତି କି ?

----

## ଉଚ୍ଚଶିକ୍ଷା ପାଇଁ ଶିକ୍ଷା ଋଣ

*640 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଆର୍ଥିକ ବର୍ଷ ୨୦୨୩-୨୪ ଓ ୨୦୨୪-୨୫ରେ କେଉଁ ଜିଲ୍ଲାର କେତେ ସଂଖ୍ୟକ ଛାତ୍ରଛାତ୍ରୀ ବିଭିନ୍ନ ଉଚ୍ଚଶିକ୍ଷା ପାଇଁ କେତେ ଟଙ୍କା ଶିକ୍ଷା ଋଣ ବିଭିନ୍ନ ବ୍ୟାଙ୍କରୁ ନେଇଛନ୍ତି ଓ କେତେ ଦରଖାସ୍ତ ଅଦ୍ୟାବଧି ବିଭିନ୍ନ ବ୍ୟାଙ୍କରେ ବିଚାରାଧିନ ଅଛି ; ଶିକ୍ଷାଋଣ ଦେବା ପାଇଁ ବ୍ୟାଙ୍କ ଗୁଡ଼ିକ ଅମଙ୍ଗ ହେଉଥିବା ସରକାରଙ୍କ ଦୃଷ୍ଟି ଗୋଚର ହୋଇଛି କି ଓ ଏଦିଗରେ କି ପଦକ୍ଷେପ ନିଆଯାଇଛି?

----

## ଜଗତପୁର ଶିଳ୍ପାଞ୍ଚଳରେ ଜମି ଆବଣ୍ଟନ

***641 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତପୁର ଶିକ୍ଷାଞ୍ଚଳରେ ବିଗତ ପାଞ୍ଚବର୍ଷରେ କେଉଁମାନଙ୍କୁ କେଉଁ ଆଧାରରେ କେତେ ପରିମାଣର ଜମି ଓ ସେଡ୍ କେତେ ମୂଲ୍ୟରେ ଆବଣ୍ଟନ କରାଯାଇଛି, ଜାଗା ଆବଣ୍ଟିତ ହୋଇଥିବା ବ୍ୟକ୍ତି କେଉଁ କେଉଁ ଶିଳ୍ପ କାର୍ଯ୍ୟ ଆରମ୍ଭ କରିଛନ୍ତି ଓ କେଉଁମାନେ ଅଣଶିଳ୍ପାୟନ କାର୍ଯ୍ୟରେ ବିନିଯୋଗ କରିବା ସହ ଜାଗା ନେଇଥିବା ବ୍ୟକ୍ତି ସେଠାରେ କେତେ Building ଓ ଆନୁସଙ୍ଗୀକ ନିର୍ମାଣ କରିଛନ୍ତି ତାହାର ପ୍ଲଟୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଆଦିମ ଜନଜାତି ମାନଙ୍କ ସ୍ଥିତି

***642 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଅଞ୍ଚଳରେ ଆଦିମ ଜନଜାତି ବର୍ଗ ବସବାସ କରୁଛନ୍ତି, ସେମାନଙ୍କର ସଂଖ୍ୟା କେତେ; ଜନଜାତି ବର୍ଗର ଲୋକଙ୍କ ସାମାଜିକ ସୁରକ୍ଷା ଓ ଆର୍ଥିକ ନିରାପତ୍ତା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ବିଶେଷ କରି କୋରାପୁଟ ଜିଲ୍ଲାରେ ଆଦିମ ଜନଜାତିଙ୍କ ସ୍ଥିତି କ'ଣ ରହିଛି ?

----

## କ୍ରୀଡ଼ାର ଭିତ୍ତିଭୂମିର ବିକାଶ ପାଇଁ ଅର୍ଥ ବିନିଯୋଗ

***643 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଗତ ୫ ବର୍ଷରେ ବାଲେଶ୍ୱର ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ କେତେ ଅର୍ଥ ବିନିମୟରେ କେଉଁ କେଉଁ ପ୍ରକଳ୍ପ ମାନ କାର୍ଯ୍ୟକାରୀ ହୋଇଛି, ଏଥିସହ ବାଲେଶ୍ୱର ସହରରେ ନୂତନ ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ? (ଖ) ଚଳିତ ବଜେଟରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ବିଭାଗ ପକ୍ଷରୁ କେତେଗୋଟି ଷ୍ଟାଡିୟମ କେତେ ଅର୍ଥ ବ୍ୟୟରେ ମଞ୍ଜୁର ହୋଇଛି ?

----

## Employment Exchange ରେ ନାମ ପଞ୍ଜିକୃତ

***644 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର Employment Exchange ମାନଙ୍କରେ କେତେଜଣଙ୍କ ନାମ ପଞ୍ଜିକୃତ ହୋଇଛି, 2019 -20 ରୁ ଏପର୍ଯ୍ୟନ୍ତ ପ୍ରତି ବର୍ଷ କେତେ ପଞ୍ଜିକରଣଭୁକ୍ତ ବ୍ୟକ୍ତି ସରକାରୀ ଓ ଘରୋଇ ନିଯୁକ୍ତି ପାଇଛନ୍ତି ଏବଂ ପ୍ରତିବର୍ଷ କେତେ ଜଣ Employment Exchange ରେ ନାମ ପଞ୍ଜିକରଣ କରିଛନ୍ତି?

----

## ଭୂମିଜ ଭାଷାକୁ ବହୁଭାଷୀ ଶିକ୍ଷା ପ୍ରକ୍ରିୟା ସାମିଲ

***645 ଶ୍ରୀ ସନାତନ ବିଜୁଳି (ବଡସାହି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର ଓଡିଶାାର ଭୂମିଜ ଭାଷାକୁ ବହୁଭାଷୀ ଶିକ୍ଷା ପ୍ରକ୍ରିୟାରେ ଓ ଅଷ୍ଟମ ଅନୁସୂଚିରେ ସାମିଲ ଏ ପର୍ଯ୍ୟନ୍ତ ନ କରିବାର କାରଣ କ'ଣ, ଓଡିଶାର ଭୂମିଜ ଶିକ୍ଷାର ଉନ୍ନତି ପାଇଁ ଭୂମିଜ ସ୍କୁଲ, ଭୂମିଜ ଶିକ୍ଷକ, ଭୂମିଜ ସଂସ୍କୃତି ପରମ୍ପରା ପୂଜାସ୍ଥଳୀ ଗୁଡିକର ସୁରକ୍ଷା ଓ ବିକାଶ ଭୂମିଜ ସାଂସ୍କୃତିକ ସଂଗ୍ରହାଳୟ ନିର୍ମାଣ, ଭାଦ୍ରବ ମାସ ବଡ ଏକାଦଶୀକୁ କରମ ପୂଜା ନାମରେ ଛୁଟି ଘୋଷଣାୀ କରିବା, ଭୂମିଜ ସ୍ୱାଧୀନତା ସଂଗ୍ରାମୀଙ୍କୁ ଇତିହାସରେ ସ୍ଥାନ ଦେବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି, କେବେସୁଦ୍ଧା ଭୂମିଜ ଭାଷା ସଂସ୍କୃତିକୁ ମୁଖ୍ୟସ୍ରୋତକୁ ଆଣିବେ ?

----

## ମୁକ ବଧିର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ

***646 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ 2023-24 ବର୍ଷରେ ରାୟଗଡ଼ା ନିର୍ବାଚନ ମଣ୍ଡଳୀର ଥିବା କେଉଁ କେଉଁ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରେ କେତେ ସଂଖ୍ୟାର Regular ଓ Ex-Regular ମୂକ ବଧିର ଛାତ୍ର/ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ ସେଥିରୁ କେତେ ସଂଖ୍ୟାର Regular ଓ Ex-regular ମୂକ ବଧିର ଛାତ୍ର/ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ କେତେ ସଂଖ୍ୟାର ଛାତ୍ର/ଛାତ୍ରୀ ଫେଲ ହୋଇଛନ୍ତି?

----

## ମଧ୍ୟାହ୍ନ ଭୋଜନର ସୁପରିଚାଳନା ପାଇଁ ଡ଼ାଟାସେଣ୍ଟର ପ୍ରତିଷ୍ଠା

***647 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମଧ୍ୟାହ୍ନଭୋଜନର ସୁପରିଚାଳନା ପାଇଁ ଡାଟାସେଣ୍ଟର ପ୍ରତିଷ୍ଠାପାଇଁ କେବେ ନିଷ୍ପତ୍ତି ହୋଇଥିଲା ଓ ଏଥିପାଇଁ କେତେ ଅର୍ଥ ବ୍ୟୟବରାଦ ହୋଇଥିଲା; ବର୍ତ୍ତମାନର ଏହି ଡାଟା ସେଣ୍ଟର କେଉଁଠାରେ କାର୍ଯ୍ୟ କରୁଛି ଏବଂ ଏହାର ସ୍ଥିତି କ'ଣ ରହିଛି ଏବଂ ଏଠାରେ କେତେ ସଂଖ୍ୟକ କର୍ମଚାରୀ କି ପ୍ରକାର କାର୍ଯ୍ୟ କରୁଛନ୍ତି ?

----

## ଉତ୍କଳ ବିଶ୍ୱବିଦ୍ୟାଳୟକୁ UGC ତରଫରୁ ଅନୁଦାନ ପ୍ରଦାନ

***648 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉତ୍କଳ ବିଶ୍ୱବିଦ୍ୟାଳୟକୁ UGC ପକ୍ଷରୁ ବିଗତ 10 ବର୍ଷରେ କେତେ ଅନୁଦାନ ପ୍ରଦାନ କରାଯାଇଛି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ବନ୍ଦ ହୋଇଥିବା ଘରୋଇ କାରଖାନା

***649 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି କେଉଁ ଶିଳ୍ପ କାରଖାନାକୁ ସରକାର ଘରୋଇକରଣ କରିଛନ୍ତି ; ବନ୍ଦ ହୋଇଥିବା କାରଖାନା ଘରୋଇକରଣ ହୋଇଥିଲେ ବର୍ତ୍ତମାନ ଏହାର ପରିସ୍ଥିତି କଣ ; ଘରୋଇ କମ୍ପାନୀଦ୍ୱାରା ତାହା ଚଳକ୍ଷମ ହୋଇଛି କି ; ଏଥିଲାଗି ସରକାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି?

----

## ହଷ୍ଟେଲ ଗୁଡିକର ପ୍ରାଚୀର ନିର୍ମାଣ ପାଇଁ ପଦକ୍ଷେପ

*650 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ବିଭାଗ ଅଧୀନରେ ଦେବଗଡ ଜିଲ୍ଲାରେ କେଉଁ ବ୍ଲକରେ କେଉଁ କେଉଁ ବିଦ୍ୟାଳୟର ହଷ୍ଟେଲ ରହିଅଛି; ତନ୍ମଧ୍ୟରୁ କେଉଁ କେଉଁ ବିଦ୍ୟାଳୟର ହଷ୍ଟେଲର ପାଚେରୀ ବର୍ତ୍ତମାନ ସୁଦ୍ଧା ନିର୍ମାଣ କରାଯାଇନାହିଁ ଏବଂ (ଖ) ଉକ୍ତ ହଷ୍ଟେଲ ଗୁଡିକର ପାଚେରୀ ବ୍ୟବସ୍ଥା କରିବାପାଇଁ ଚଳିତବର୍ଷ ସରକାରଙ୍କ ଦ୍ୱାରା କି ବ୍ୟବସ୍ଥା କରାଯାଇଅଛି ?

----

## ଯୁବକ ସଂଘ ଓ ସ୍ୱେଚ୍ଛାସେବୀମାନଙ୍କୁ କ୍ରୀଡା ସାମଗ୍ରୀ ଯୋଗାଇବା

*651 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବହୁ ସଂଖ୍ୟାରେ ପାଠପଢା ସରିବା ପରେ ବେକାର ହୋଇ ଯୁବ ପିଢି ଥିବାରୁ, ସେମାନଙ୍କ ପାଇଁ ସରକାରଙ୍କର ଯୁବ ନୀତି କଣ ଅଛି, ସେମାନଙ୍କୁ ରୋଜଗାର ଦେବା, ସମାଜର ଓ ଆମ ଦେଶର ପ୍ରଗତିରେ ସାମିଲ କରିବା ପାଇଁ ସରକାରଙ୍କର କିଛି ଯୋଜନା ଅଛି କି, ଯୁବ କଲ୍ୟାଣ ବିଭାଗ ତରଫରୁ କ୍ଲବ, ଯୁବ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନ ଓ ଶିକ୍ଷା ଅନୁଷ୍ଠାନମାନଙ୍କୁ ସଚେତନତା କାର୍ଯ୍ୟକ୍ରମ ତଥା ବାଦ୍ୟଯନ୍ତ୍ର, କ୍ରୀଡା ସାମଗ୍ରୀ ଇତ୍ୟାଦି ସାମଗ୍ରୀ ଯୋଗାଇଦେଇ ସେମାନଙ୍କୁ ଆତ୍ମ ନିଯୁକ୍ତି କ୍ଷେତ୍ରରେ ପଦକ୍ଷେପ ନେବେ କି ?

----

## Introduction of new skill development centers

*652 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What recent initiatives have been undertaken by the Skill Development & Technical Education Department in Odisha to enhance vocational training and technical skill development for youth, particularly in Balangir district; (b) How many students have benefited from these initiatives in the last financial year; Are there any plans to introduce new skill development centers, upgrade existing ITIs, or collaborate with industries to provide hands-on training in Balangir district?

----

## ସ୍ୱାଧିନତା ସଂଗ୍ରାମୀଙ୍କ ସ୍ମରକୀ ପ୍ରତିଷ୍ଠା

***653 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2025-26 ଆର୍ଥିକ ବର୍ଷ ସାଧାରଣ ବଜେଟ ଆଧାରରେ ସ୍ୱାଧିନତା ସଂଗ୍ରାମରେ ବଳିଷ୍ଠ ନେତୃତ୍ୱ ନେଇଥିବା ରାଜ୍ୟର ବିଭିନ୍ନ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସ୍ମାରକୀ ପ୍ରତିଷ୍ଠା ହେବାର ଯୋଜନା ଅଛି କି ଯଦି ଥାଏ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଅଧାରୁ ପାଠ ଛାଡୁଥିବା ଛାତ୍ର/ଛାତ୍ରୀଙ୍କ ହାର

***654 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସ୍କୁଲଗୁଡିକରେ ଶିକ୍ଷା ସମାପ୍ତ ନ କରି ଅଧାରୁ ପାଠ ଛାଡୁଥିବା (dropout) ଛାତ୍ରଛାତ୍ରୀଙ୍କ ସଂଖ୍ୟା କେତେ, ତାହାର ଜିଲ୍ଲାୱାରୀ ବିବରଣୀ ଦେବା ସହ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡିବାର କାରଣ କଣ ଉପସ୍ଥାପନ କରିବେ କି ?

----

## +2 College କୁ Upgradation କରି +3 College ଖୋଲିବା

***655 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେତୋଟି +3 Degree College ଅଛି ଓ କେଉଁ କେଉଁ ସ୍ଥାନରେ ଅଛି, କେତୋଟି +2 College କୁ upgradation କରି +3 ଖୋଲାଯାଇଛି କି, ଯଦି ନାହିଁ, +2 College କୁ upgradation କରିବାକୁ ପ୍ରସ୍ତାବ କରିବେ କି, ଯେଉଁସବୁ +3 College ରେ Arts ଅଛି ସେହିସବୁ College ରେ Science Stream and Commerce Stream ସହ Hon's ପାଠ୍ୟକ୍ରମ ଖୋଲିବା ପାଇଁ ସ୍ଥିର କରିବେ କି, ଆବଶ୍ୟକ ଅନୁସାରେ ଅଧ୍ୟାପକ ନିଯୁକ୍ତି କରିବେ କି ?

----

## ଶିଳ୍ପାୟନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

***656 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର କେଉଁ ତହସିଲ୍ ଅଞ୍ଚଳର କେଉଁ ଅଞ୍ଚଳକୁ ଶିଳ୍ପ ପ୍ରକଳ୍ପ ଅଞ୍ଚଳ ଭାବେ ଚିହ୍ନଟ କରାଯାଇ ସେଠାରେ କେତେ ହେକ୍ଟର ଜମି ଶିଳ୍ପାୟନ ପାଇଁ ସଂରକ୍ଷିତ ରଖାଯାଇଛି, ସେହି ଜାଗାରେ ଶିଳ୍ପ ପ୍ରତିଷ୍ଠା ପାଇଁ କେଉଁ କେଉଁ ଶିଳ୍ପ ଗୋଷ୍ଠୀ ଆବେଦନ କରିଛନ୍ତି, ତାହାର ବିବରଣୀ ପ୍ରଦାନ ସହ ଆଗ୍ରହୀ ଶିଳ୍ପଗୋଷ୍ଠୀକୁ ପ୍ରୋତ୍ସାହିତ କରି ଶିଳ୍ପାୟନ କରିବା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଆବାସିକ ବିଦ୍ୟାଳୟର ଶିକ୍ଷା ଭିତ୍ତିଭୂମି ଉନ୍ନୟନ

***657 ଶ୍ରୀ ବିଭୂତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଆବାସିକ ବିଦ୍ୟାଳୟମାନଙ୍କରେ ଶିକ୍ଷା ଭିତ୍ତିଭୂମି ଉନ୍ନୟନ କରି ବିଦ୍ୟାର୍ଥୀମାନଙ୍କ ମେଧାଶକ୍ତିର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ବା କରିବାକୁ ଯାଉଛନ୍ତି?

----

## ବିଶ୍ୱବିଦ୍ୟାଳୟ ମହାପୁରୁଷଙ୍କ ନାମର ପ୍ରତିଷ୍ଠା

***658 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ ଦେଶର କେଉଁ କେଉଁ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ଓ କେଉଁ ମହାପୁରୁଷଙ୍କ ନାମରେ ପ୍ରତିଷ୍ଠା ହୋଇଛି, ଏ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହେଉଛି ; (ଖ) ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାମରେ କୌଣସି ଓଡ଼ିଆ ଚେୟାର ପ୍ରତିଷ୍ଠା ପାଇଁ ସରକାର ପ୍ରସ୍ତାବ ରଖିଛନ୍ତି କି ?

----

## KBK ଅଞ୍ଚଳରେ ଥିବା ବେସରକାରୀ ବିଦ୍ୟାଳୟ

***659 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅବିଭକ୍ତ କେ.ବି.କେ. ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷାଲାଭର ସୁଯୋଗ ଦେବାକୁ ଅଂଚଳର ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକର ସିଟ ସଂଖ୍ୟା ବଢାଇବା ସଙ୍ଗେସଙ୍ଗେ ନୂତନ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନଥିବା ଗ୍ରାମ ପଂଚାୟତ ଗୁଡିକରେ ଉକ୍ତ ବିଦ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ସାନ୍ତାଳୀ ଭାଷାର ପ୍ରଫେସର ନିଯୁକ୍ତି

***660 ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାରମ୍ବାର ଦାବୀ ସତ୍ତ୍ୱେ ସମ୍ବିଧାନ ସୀକୃତୀ ସାନ୍ତାଳୀ ଭାଷାର ପ୍ରଫେସର/ଲେକଚରାରଙ୍କୁ ନିଯୁକ୍ତି କରାଯାଉ ନଥିବାରୁ ସାନ୍ତାଳୀ ଶିକ୍ଷା ବାଧାପ୍ରାପ୍ତ ହେଉଛି ଏଣୁ ସାନ୍ତାଳୀ ପ୍ରଫେସର/ଅଧ୍ୟାପକ ଆଦିଙ୍କୁ ନିଯୁକ୍ତି କରିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----